# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁ ପାଞ୍ଚ ହଜାର ଲୋକଙ୍କୁ ଖୁଆଇଲେ



ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଅନୁବାଦକ: Prasanta Bhuyan
ଉପଯୋଜକ: Ruth Klassen

କାହାଣୀ ୬୦ ରୁ ୫୧

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*

ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

**ଓଡ଼ିଆ** Oriya

ଅନେକ ଧର୍ମଗୁରୁମାନେ (ଯାହାଙ୍କୁ ଫାରୂଶୀ କହୁଥିଲେ) ଯୀଶୁଙ୍କ ବିଷୟରେ ମିଥ୍ୟା କହିଲେ । କେତେକ ତାଙ୍କୁ ବଧ କରିବାକୁ ମଧ୍ୟ ଚେ଼ଷ୍ଟାକଲେ ।





ଯୀଶୁ ଯେ ପ୍ରକୃତରେ ଇଶ୍ୱରଙ୍କ ପୁତ୍ର ତାହା ସେମାନେ ବିଶ୍ୱାସ କଲେ ନାହିଁ ।



ଯଦିବା ତାଙ୍କର ଆଶ୍ଚର୍ଯ୍ୟ କର୍ମ ପ୍ରମାଣିତ କରନ୍ତି ଯେ ସେ ଈଶ୍ୱରଙ୍କ ପୁତ୍ର ତଥାପି ସେମାନ ଯୀଶୁଙ୍କୁ ଗ୍ରହଣ କଲେ ନାହିଁ ।



3

ଦିନେ, ଯୀଶୁ ଗାଲିଲୀ ସମୁଦ୍ର ପାରହୋଇ ଆରପାରିକି ଗଲେ । ହୋଇପାରେ ସେ ଲୋକଗହଳି ସମ୍ମୁଖରୁ ଦୂରହୋଇ କିଛିସମୟ ବିଶ୍ରାମ ନେବାକୁ ଚ଼ାହୁଁଥିଲେ କାରଣ ସେମାନେ ସବୁ ସମୟରେ ତାଙ୍କ ଚ଼ାରିପଟେ ଘେରି ରହୁଥିଲେ ।



4

କିନ୍ତୁ ଶିଘ୍ର ଲୋକମାନେ ତାଙ୍କୁ ଖୋଜି ପାଇଲେ । ସେମାନେ ତାଙ୍କ ସହିତ ରହିବାକୁ ଇଛା କରୁଥିଲେ ।



5

ଯୀଶୁ ତାଙ୍କର ଶିଶ୍ୟମାନଙ୍କୁ ଏକ ନିର୍ଜନ ପର୍ବତମୟ ସ୍ଥାନକୁ ନେଇଗଲେ ଯେଉଁଠାରେ ସେ ବସିପଡ଼ିଲେ, ଓ ଶିକ୍ଷା ଦେଲେ । ଅନେକଲୋକ ସେହି ସ୍ଥାନକୁ ଆସିବାକୁ ଲାଗିଲେ । ପରେ ଖାଇବା ସମୟ ହେଇଗଲା । ନିଶ୍ଚିତ ଭାବରେ ସମସ୍ତଙ୍କୁ ଭୋକ ଲାଗିଥାଇପାରେ ।



6

ଯୀଶୁ ଲୋକ ସମୁହକୁ ଦେଖି । ଏମାନଙ୍କ ଭୋଜନ ନିମନ୍ତେ ଆମ୍ଭେମାନେ କେଉଁଠାରୁ ରୋଟି ଆଣିବା? ଫିଲିପ୍ପଙ୍କୁ କହିଲେ । ସେହି ସ୍ଥାନ ନିକଟରେ ଖାଦ୍ୟଭଣ୍ଡାର ନଥିଲା । ଯୀଶୁ କଅଣ କରିବାକୁ ଯୋଜନା କରୁଥିଲେ ?



7

ଏପରି ଲୋକସମୁହକୁ ଖୁଆଇବାକୁ ଶହେ ଟଙ୍କାର ରୋଟି ସମସ୍ତଙ୍କ ପାଇଁ ଯଥେଷ୍ଟ ନୁହେଁ, ଫିଲିପ୍ପ ଯୀଶୁଙ୍କୁ ଉତ୍ତର ଦେଲେ । ଯୀଶୁ ଓ ତାଙ୍କ ଶିଶ୍ୟମାନଙ୍କ ପାଖରେ ଯଥେଷ୍ଟ ପରିମାଣରେ ଟଙ୍କା ନଥିଲା ।



8

ଅନ୍ୟ ଏକ ଶିଶ୍ୟ ଆନ୍ଦ୍ରୀୟ (ଶୀମନ ପିତରଙ୍କ ଭ୍ରାତା) ଯୀଶୁଙ୍କୁ କହିଲେ, ଏଠାରେ ଏକ ବାଳକ ଅଛି, ତାହା ପାଖରେ ପାଞ୍ଚୋଟି ଯବର ରୋଟି ଓ ଦୁଇଟି ଛୋଟ ମାଛ ଅଛି ...



9

... କିନ୍ତୁ ଏତେ ଲୋକଙ୍କ ପାଇଁ ତାହା କଅଣ ହେବ? ଆନ୍ଦ୍ରୟ ଦେଖିନଥିଲେ ଯେ ସେହି ଛୋଟ ବାଳକର ଖାଇବା କିପରି ଅନେକଙ୍କୁ ଖୁଆଇ ପାରିବ- ଏବଂ ଯଦି ସେହି ବାଳକ ନିଜର ଭୋଜନ ଯୀଶୁଙ୍କୁ ଦେବାକୁ ଇଛା କରିବେ ।



10

ଯୀଶୁ କହିଲେ, ଲୋକମାନଙ୍କୁ ବସାଅ । ସେମାନେ ବସିଲେ, ସେଠାରେ ସଂଖ୍ୟାରେ ପାଞ୍ଚହଜାର ପୁରିଷମାନେ ବସିଲେ । ହାଲେଲୁୟା ପାଞ୍ଚହଜାର ! ଏଠାରେ ସ୍ତ୍ରୀଲୋକ ଓ ପିଲାମାନଙ୍କୁ ଯୋଗ କରାଯାଇନାହିଁ, ସେମାନେ ମଧ୍ୟ ସେଠାରେ ଥିଲେ ।



11

ସେଥିରେ ଯୀଶୁ ସେହି ରୋଟି ଓ ମାଛ ନେଲେ । ସେହି ଛୋଟ ବାଳକଟି ନିଶ୍ଚିତ ଭାବରେ ଯୀଶୁଙ୍କ ଉପରେ ଭରଷା କରିଥିଲେ । ସେ ଜାଣିନଥିଲେ କାହିଁକି ଯୀଶୁଙ୍କୁ ତାଙ୍କ ଭୋଜନର ଆବଶ୍ୟକ, କିମ୍ବା ଏହି ଭୋଜନଦ୍ୱାରା ଯୀଶୁ କଅଣ କରିବେ ।



12

ସେ ଭାବିଥାଇ ପାରନ୍ତି, ଯଦି ମୁଁ ମୋର ଖାଦ୍ୟକୁ ଦାନ କରିବି, ତେବେ ମୁଁ ଖାଇ ପାରିବି ନାହିଁ । ମାତ୍ର ସେ ଯାହାହେଉ ସେ ଖାଦ୍ୟ ଯୀଶୁଙ୍କୁ ଦେଲେ ।



13

ଯୀଶୁ ଖାଦ୍ୟଘେନି ପ୍ରାର୍ଥନା କଲେ । ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ । ହଁ ସେହି ପାଞ୍ଚଟି ରୋଟି ଓ ଦୁଇଟି ମାଛ ନିମନ୍ତେ । ଯୀଶୁ ସେହି ଖାଦ୍ୟକୁ ଆଶିର୍ବାଦ କରିବାକୁ ପରମେଶ୍ୱରଙ୍କୁ ପ୍ରାର୍ଥନା କଲେ ।



14

ପ୍ରାର୍ଥନା କଲାପରେ, ଯୀଶୁ ସେହି ରୋଟିକୁ ଭାଙ୍ଗିଲେ ଓ ମାଛ ବାଣ୍ଟିଦେବା ନିମନ୍ତେ ତାଙ୍କର ଶିଶ୍ୟମାନଙ୍କୁ ଦେଲେ ଯେଉଁମାନେ ସେଗୁଡ଼ାକ ଲୋକସମୁହକୁ ବାଣ୍ଟିଦେଲେ । ସେଠାରେ ଲୋକମାନେ ସେହି ଆଷ୍ଚର୍ଯ୍ୟ କର୍ମ ଦେଖିଲେ । ପ୍ରତ୍ୟକ ଜଣ ନିଜ ଇଛା ଅନୁସାରେ ଭୋଜନ କଲେ । ତଥାପି ମଧ୍ୟ ସମସ୍ତ ରୋଟି ଓ ମାଛ ସେମାନେ ଶେଷ କରିପାରିଲେ ନାହିଁ ।



15

ସମସ୍ତେ ଖାଇ ପରତୃପ୍ତ ହେଲାପରେ, ସେଠାରେ ଅନେକ ରୋଟି ଓ ମାଛ ବଳକା ଥିଲା,  ଯେପରି କିଛି ନଷ୍ଟ ନହୁଏ, ଏଥିନିମନ୍ତେ ବଳିଥିବା ଭଙ୍ଗା ଖଣ୍ଡଗୁଡ଼ିକ ଏକାଠି କରି, ଯୀଶୁ ନିଜ ଶିଶ୍ୟମାନଙ୍କୁ କହିଲେ । ସେମାନେ ସବୁ ଏକାଠି କଲେ, ପୁଣି ଲୋକମାନଙ୍କର ଖାଇବା ପରେ ଯବର ସେହି ପାଞ୍ଚ ରୋଟିରୁ ଯେଉଁ ଭଙ୍ଗା ଖଣ୍ଡଗୁଡ଼ିକ ବଳିଥିଲା, ସେଥିରେ ସେମାନେ ବାର ଟୋକେଇ ପୂର୍ଣ୍ଣକଲେ ।



16

ସେହିଦିନ, ଯୀଶୁ ସେହି ଛୋଟ ବାଳକର ଖାଦ୍ୟରୁ ପାଞ୍ଚହଜାରରୁ ଉର୍ଦ୍ଧ ଲୋକଙ୍କୁ ଖୁଆଇଲେ, ଅନ୍ୟଏକ ସମୟରେ, ସେ ସାତୋଟି ରୋଟି ଓ କେତୋଟି ମାଛ ଦ୍ୱାରା ଚ଼ାରିହଜାର ଲୋକଙ୍କୁ ଖୁଆଇଲେ । ଯେତେବେଳେ ସାଧାରଣ ଲୋକ ଏପରି ଆଷ୍ଚର୍ଯ୍ୟକର୍ମ ଦେଖିଲେ ସେମାନେ ଫାରୁଶୀ ମାନଙ୍କ ପରି ବିରକ୍ତ ହେଲେ ନାହିଁ ।



17

ମାତ୍ର ତାହା ବଦଳରେ ସେମାନେ କହିଲେ, ଜଗତକୁ ଯେଉଁ ଭାବବାଦିଙ୍କର ଆସିବାର ଥିଲା, ଏ ନିଷ୍ଚୟ ସେହି । ସେମାନେ ଜାଣିଥିଲେ ଯେ ଯୀଶୁ ସେହି ଉଦ୍ଧାରକର୍ତ୍ତା ଯାହାଙ୍କ ଆସିବା ବିଷୟରେ ପବିତ୍ରବାକ୍ୟରେ ସଦାପ୍ରଭୁ ପ୍ରତିଜ୍ଞା କରିଥିଲେ ।



18

ଯୀଶୁ ପାଞ୍ଚ ହଜାର ଲୋକଙ୍କୁ ଖୁଆଇଲେ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଯୋହନ ୬

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।